# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
# ଓଡିଶା ମଡେଲ୍ ଟ୍ରାଇବାଲ୍ ଏଜୁକେସନ୍ ସୋସାଇଟି (OMTES), ଭୁବନେଶ୍ୱର
## Ekalavya Model Residential School (EMRS)
### (ଟ୍ରାଇବାଲ୍ ରୁରାଲ୍ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

(୧) ଭାରତ ସରକାରଙ୍କ ଅନୁଦାନରେ କୋରାପୁଟ, ରାୟଗଡ଼ା, ମୟୁରଭଞ୍ଜ, କେନ୍ଦୁଝର, ଗଜପତି, କନ୍ଧମାଳ, ନବରଙ୍ଗପୁର, ଯାଜପୁର, ମାଲକାନଗିରି, ନୂଆପଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିଷ୍ଠିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାନଙ୍କରେ (EMRS) ଶିକ୍ଷାବର୍ଷ ୨୦୧୮-୧୯ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଟି. ଆର୍. ଟି. ଏସ୍ (TRTS) ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । (୨) ସମୁଦାୟ ସ୍ଥାନର ତିନି ଶତକଡ଼ା ଭିନ୍ନକ୍ଷମ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୁଚିତ ଜନଜାତି ଛାତ୍ରଛାତ୍ରୀ ଅବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନ ଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୁରଣ କରାଯିବ । (୩) ପ୍ରବେଶିକା ପରୀକ୍ଷାର ସଫଳତା ଭିତିରେ ପ୍ରତ୍ୟେକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏତଦ୍‌ବ୍ୟତୀତ ନିର୍ଦ୍ଦିଷ୍ଟ ସ୍ଥାନ ସଂଖ୍ୟାର ୧୦ ପ୍ରତିଶତ ଅଧିକ ସ୍ଥାନ ଏଜୁକେସନ୍ କଂପ୍ଲେକ୍ସର ବାଳିକା, ସଂପୃକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ ଶିକ୍ଷକ/ କର୍ମଚାରୀ ତଥା ସ୍ଥାନୀୟ ବାସିନ୍ଦା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ଟି. ଆର୍. ଟି. ଏସ୍ (TRTS) ଲିଖିତ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ସେମାନଙ୍କର ଉତ୍କର୍ଷତା/ ଯୋଗ୍ୟତା ଭିତିରେ ଦିବାଧ୍ୟାୟୀ (Day Scholars) ହିସାବରେ ଚୟନ କରାଯିବ । (୪) ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ । (୫) **ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୦.୦୩.୧୮** । ଆଗ୍ରହୀ ଅନୁସୁଚିତ ଜନଜାତି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସଂପୃକ୍ତ ଏକଲବ୍ୟ ଆର୍ଦଶ ଆବାସିକ ବିଦ୍ୟାଳୟର ଅଧକ୍ଷ୍ୟଙ୍କ ନିକଟକୁ ପଠାଇବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । (୬) ଉକ୍ତ ପ୍ରବେଶିକା ପରୀକ୍ଷା ୨୫.୦୩.୧୮ **ତାରିଖ** (ରବିବାର) ପୁର୍ବାହ୍ନ ୧୦.୦୦ ଘଟିକାଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ନିମ୍ନୋକ୍ତ କେନ୍ଦ୍ର ମାନଙ୍କରେ ଅନୁଷ୍ଠିତ ହେବ ।

| କ୍ରମିକ. ସଂଖ୍ୟା | ଆଦର୍ଶ ବିଦ୍ୟାଳୟର ଅବସ୍ଥିତି | ସଂପୃକ୍ତ ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଗ୍ରହଣ କରିବା ଅଧିକାରୀଙ୍କ ଠିକଣା |
|---|---|---|---|
| କ. | ଧାନଘେରା, ଜିଲ୍ଲା- ମୟୁରଭଞ୍ଜ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା |
| ଖ. | ଭବାନୀପୁର,ଜିଲ୍ଲା-ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର |
| ଗ. | ସିରିଗୁଡ଼ା, ଜିଲ୍ଲା-ରାୟଗଡ଼ା | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସିରିଗୁଡ଼ା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସିରିଗୁଡ଼ା |
| ଘ. | ପୁଙ୍ଗାର, ଜିଲ୍ଲା-କୋରାପୁଟ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର |
| ଙ | ରାଙ୍କି, ଜିଲ୍ଲା- କେନ୍ଦୁଝର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି |
| ଚ. | ଚନ୍ଦ୍ରଗିରି, ଜିଲ୍ଲା-ଗଜପତି | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି । | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି । |
| ଛ | ମହାସିଙ୍ଗି, ଜିଲ୍ଲା-କନ୍ଧମାଳ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା |
| ଜ | ହିର୍ଲି, ଜିଲ୍ଲା-ନବରଙ୍ଗପୁର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି, ଜିଲ୍ଲା-ନବରଙ୍ଗପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି, ଜିଲ୍ଲା-ନବରଙ୍ଗପୁର |
| ଝ | ଲହୁଣିପଡ଼ା, ଜିଲ୍ଲା-ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡ଼ା, ସୁନ୍ଦରଗଡ଼ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡ଼ା, ସୁନ୍ଦରଗଡ଼ |
| ଞ | ଲାଇଙ୍ଗ (ମନ୍ଦିରାଡ଼୍ୟାମ ପାଖ), ଜିଲ୍ଲା-ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ (ମନ୍ଦିରାଡ଼୍ୟାମ ପାଖ), ସୁନ୍ଦରଗଡ଼ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ (ମନ୍ଦିରାଡ଼୍ୟାମ ପାଖ), ସୁନ୍ଦରଗଡ଼ |
| ଟ. | ରାଂପିଲୋ, କଳିଙ୍ଗନଗର, ଜିଲ୍ଲା-ଯାଜପୁର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଂପିଲୋ, କଳିଙ୍ଗନଗର, ଯାଜପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଂପିଲୋ, କଳିଙ୍ଗନଗର, ଯାଜପୁର |
| ଠ. | ମାଲକାନଗିରି ଜିଲ୍ଲା-ମାଲକାନଗିରି | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି |
| ଡ. | ନୂଆପଡା ଜିଲ୍ଲା-ନୂଆପଡ଼ା | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଖରିଆର ରୋଡ୍ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡ଼ା, ଖରିଆର ରୋଡ |